# ପିଲାଙ୍କ ଧରିତ୍ରୀ

ଶନିବାର ,୨୬ ଅଗଷ୍ଟ, ୨୦୨୩





# ସ୍ନେହର ବନ୍ଧନ

**ଗପ**

ଗରିବ ମା' ବାପାଙ୍କର ଏକମାତ୍ର ଝିଅ ରେଣୁ। ସବୁଦିନ ମଜୁରି ଲାଗି ରେଣୁର ମା' ବାପା ଯାହା ରୋଜଗାର କରନ୍ତି ସେଥିରେ କଷ୍ଟେମଷ୍ଟେ ପରିବାର ଚଳେ। କିନ୍ତୁ ରେଣୁର ପାଠପଢ଼ା ନିମନ୍ତେ ଯାହା ବି ଖର୍ଚ୍ଚ କରିବାକୁ ପଡ଼େ ସେସବୁ ପୂରଣ କରିବା ପାଇଁ ସେମାନେ ସବୁବେଳେ ଧ୍ୟାନ ଦେଇଥାନ୍ତି।

ରେଣୁ ସ୍କୁଲରେ ଭଲ ପାଠ ପଢ଼େ ଓ ତା'ର ବ୍ୟବହାର ମଧ୍ୟ ବହୁତ ଭଲ। ତେଣୁ ଗୁରୁଜୀ ଗୁରୁମା ତାକୁ ଖୁବ୍ ସ୍ନେହ କରନ୍ତି। ପ୍ରତିବର୍ଷ ସେ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରେ। ସହପାଠୀମାନେ ବି ରେଣୁକୁ ଭାରି ପ୍ରଶଂସା କରନ୍ତି।

ରେଣୁ ଶ୍ରେଣୀରେ ପଢୁଥିବା ସନାତନର ଘର ମଧ୍ୟ ରେଣୁ ଘର ପାଖରେ। ଧନୀ ମାତାପିତାଙ୍କର ଏକମାତ୍ର ସନ୍ତାନ ସନାତନ। ପାଠପଢ଼ାରେ ସନାତନ, ରେଣୁଠାରୁ ପଛରେ ରହେ। ହେଲେ ଉଭୟଙ୍କ ଭିତରେ ଗଭୀର ବନ୍ଧୁତା ଥିଲା। ଦିନେ ସନ୍ଧ୍ୟା ସମୟରେ ମା'ଙ୍କଠାରୁ ଅନୁମତି ନେଇ ସନାତନ ଗଣିତ ନୋଟ ଆଣିବାକୁ ରେଣୁ ଘରକୁ ଯାଇଥିଲା। ତାଙ୍କ ଘର ବାହାରେ ଥାଇ ସନାତନ ଶୁଣିଲା– ରେଣୁ ତା'ର ମାଆଙ୍କୁ କହୁଛି– ''ମା! ମୁଁ କାହାକୁ ରାଖୀ ବାନ୍ଧିବି? ମୋର ତ କେହି ଭାଇ ନାହାନ୍ତି? ଏହା ଶୁଣି ମା' ଚୁପ୍ ରହିଲେ। ବାହାରେ ଠିଆ ହୋଇଥିବା ସନାତନ ଏକଥା ଶୁଣି ଘରକୁ ଫେରି ତା' ମା'ଙ୍କୁ ସବୁ କଥା ଜଣାଇଲା। ସନାତନର ବି କେହି ଭଉଣୀ ନ ଥିଲେ। ତେଣୁ ରେଣୁକୁ ଭଉଣୀ ଭାବି ତା' ହାତରୁ ରାଖୀ ବାନ୍ଧିବା ପାଇଁ କହିଲେ ସନାତନର ମାଆ।

ସନାତନର ବାପା ରାଖୀ ପୂର୍ଣ୍ଣିମା ପୂର୍ବଦିନ ରାଖୀ ଏବଂ ମିଠା ପ୍ୟାକେଟ୍ ଆଣି ଆସିଲେ। ପରଦିନ ସକାଳୁ ମା' ସନାତନକୁ ଗାଧୋଇ ପାଧୋଇ ପ୍ରସ୍ତୁତ ହେବାକୁ କହିଲେ। ତା'ପରେ ରାଖୀ ଓ ମିଠା ସହ ସନାତନକୁ ନେଇ ରେଣୁ ଘରକୁ ଗଲେ। ରେଣୁ ଘର ବାହାରେ ମନ ଦୁଃଖରେ ଠିଆ ହୋଇଥାଏ। ହଠାତ୍ ସନାତନକୁ ଦେଖି ଖୁସି ହୋଇଗଲା ଓ କାହିଁକି ଆସିଛି ବୋଲି ପଚାରିଲା। ସନାତନ କହିଲା– ଭିତରକୁ ଚାଲ, ସବୁ କହିବି। ସନାତନ କହିଲା– ଭଉଣୀ! ଏସବୁ ନିଅ! ମୋତେ ଏ ରାଖୀଟି ବାନ୍ଧିଦିଅ। ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛି – ଆଜିଠାରୁ ତୁମେ ମୋର ଭଉଣୀ, ମୁଁ ତୁମର ଭାଇ।

ସନାତନ ପାଟିରୁ 'ଭାଇ' ଶବ୍ଦ ଶୁଣି ରେଣୁର ଆଖି ଛଳ ଛଳ ହୋଇଗଲା। ରେଣୁ ସନାତନକୁ ବନ୍ଦାପନା କରି ମଥାରେ ସିନ୍ଦୂର ଲଗାଇ ହାତରେ ରାଖୀଟି ବାନ୍ଧିଦେଲା। ପ୍ୟାକେଟ୍‌ରୁ ମିଠାଟିଏ କାଢ଼ି ସନାତନର ପାଟିରେ ଦେଲା। ରେଣୁର ମା' ଘର କୋଣରେ ଠିଆ ହୋଇ ଖୁସିର ଲୁହ ଗଡ଼ାଉଥିଲେ। ସେ ପ୍ରଥମ ଥର ରେଣୁକୁ ଏତେ ଖୁସି ହେବାର ଦେଖିଲେ ଏବଂ ଉଭୟଙ୍କ ମଙ୍ଗଳ ପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କଲେ। ସେତେବେଳେ ଲାଗୁଥିଲା, ସତେ ଯେପରି ଆକାଶରୁ ଫୁଲ ବର୍ଷା ହେଉଛି। ବାସ୍ତବରେ ଏହି ରକ୍ଷାବନ୍ଧନ ପର୍ବ ସମସ୍ତଙ୍କ ପାଇଁ ବହୁତ ଖୁସି ଆଣିଦିଏ।

**– ଲଳିତ ମୋହନ ମିଶ୍ର**

ନୟାଗଡ଼, ମୋ:୯୪୩୭୯୮୫୮୬୬

## ଖିଲି ଖିଲି ହସ

**(କ୍ଲାସ୍ ଚାଲିଥିବା ସମୟରେ...)**

ଶିକ୍ଷକ : ଆରେ ରାଜୁ କହିଲୁ, ବସ୍‌ରେ ଡ୍ରାଇଭର ଆଉ କଣ୍ଡକ୍ଟର ମଧ୍ୟରେ ପାର୍ଥକ୍ୟ କ'ଣ ?

ରାଜୁ (କିଛି ସମୟ ଭାବିଲା ପରେ) : ସାର୍! ବସ୍‌ରେ କଣ୍ଡକ୍ଟର ଯଦି ଶୋଇପଡ଼େ, ଆମମାନଙ୍କର ଟିକେଟ୍ ଆଉ କଟା ହୁଏନି। ହେଲେ ଯଦି ଡ୍ରାଇଭର ଶୋଇପଡ଼େ, ତେବେ ସମସ୍ତଙ୍କର ଟିକେଟ୍ ଏକା ସମୟରେ କଟା ହୋଇଯାଏ।

**(ରକି ଓ ଭିକି ମଧ୍ୟରେ କଥାବାର୍ତ୍ତା)**

ରକି–ତୋତେ ଟିକେ ଲାଜ ଲାଗୁନି ?

ଭିକି–କାହିଁକି ?

ରକି–ତୋ ବାପା ଜଣେ ଟେଲର୍। ତଥାପି ତୁ ଚିରା ଡ୍ରେସ୍ ପିନ୍ଧିଆସୁଛୁ।

ଭିକି–ଆରେ ମୋ କଥା ଛାଡ଼। ମୋ'ଠୁ ତ ଅଧିକ ତୋତେ ଲାଜ ଲାଗିବା କଥା।

ରକି–କେମିତି ?

ଭିକି–କାହିଁକି ନା ତୋ ବାପା ଜଣେ ଡେଣ୍ଟିଷ୍ଟ। ତଥାପି ତୋ ସାନଭାଇ ଜନ୍ମ ହେଲା ବେଳେ ବିନା ଦାନ୍ତରେ କେମିତି ଜନ୍ମ ହେଲା !

## ମତାମତ

▶▶ ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପ୍ରକାଶ ପାଉଥିବା ସମସ୍ତ ସ୍ତମ୍ଭଗୁଡ଼ିକ ବେଶ୍ ଶିକ୍ଷଣୀୟ ହୋଇପାରୁଛି।

–ବିବେକ ସାହୁ, ବାଲେଶ୍ୱର

▶▶ ଏଥର ତୃତୀୟ ପୃଷ୍ଠାରେ ପ୍ରକାଶିତ 'ପରିଷ୍କାର ପରିଚ୍ଛନ୍ନତା' ବିଷୟଟି ପଢ଼ି ସେ ସମ୍ପର୍କରେ କିଛି ନୂଆ କଥା ଜାଣିହେଲା।

–ଅନନ୍ୟା ମିଶ୍ର, ରାଉରକେଲା

▶▶ 'କବିତା' ସ୍ତମ୍ଭରେ ପ୍ରକାଶିତ ସମସ୍ତ କବିତା ଶିକ୍ଷଣୀୟ ହୋଇଛି।

–ପୃଥ୍ୱୀରାଜ ଦାସ, କଟକ

▶▶ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ବେଶ୍ ସୁନ୍ଦର ଲାଗୁଛି।

–ବିନାୟକ ରାଉତ, କେନ୍ଦ୍ରାପଡ଼ା

▶▶ ସପ୍ତମ ପୃଷ୍ଠାରେ ପ୍ରକାଶିତ ବିଷୟଗୁଡ଼ିକ ଶିକ୍ଷଣୀୟ ହୋଇପାରୁଛି।

–ପ୍ରୀତିଶ୍ରୀ ମହାନ୍ତି, ସୁନାବେଡ଼ା

## ରଙ୍ଗ ଦିଅ



# ଖାଲ ବାହାରେ ନାହିଁ

**ଆମ ଆଖପାଖରେ ଥିବା ପ୍ରାଣୀଙ୍କର ବି ଅନେକ ଅଜବ ଗୁଣ ରହିଛି। ଜାଣନ୍ତୁ ମୂଷା ସମ୍ପର୍କରେ ସେଭଳି କିଛି କଥା।**



❖ ବିଶ୍ୱରେ ୬୦ରୁ ଅଧିକ ପ୍ରଜାତିର ମୂଷା ଅଛନ୍ତି। ତେବେ ଆଣ୍ଟାର୍କଟିକା ଏକମାତ୍ର ମହାଦ୍ୱୀପ ଯେଉଁଠାରେ ଆଦୌ ମୂଷା ନାହାନ୍ତି।

❖ ମୂଷା ନିଜ ଓଜନଠାରୁ ଅଧିକ ଓଜନର ଜିନିଷ ଉଠାଇ ନେଇପାରେ।

❖ ମୂଷାଙ୍କର ଘ୍ରାଣଶକ୍ତି ଓ ଶ୍ରବଣ ଶକ୍ତି ଅତ୍ୟନ୍ତ ପ୍ରଖର।

❖ ମୂଷାଙ୍କର ଝାଳ ବାହାରେ ନାହିଁ। କିନ୍ତୁ ସେମାନେ ନିଜ ଲାଞ୍ଜ ମାଧ୍ୟମରେ ଶରୀରର ତାପମାତ୍ରା ନିୟନ୍ତ୍ରଣ କରିପାରନ୍ତି।

❖ ମୂଷା ସାଧାରଣତଃ ୧୨ ସେଣ୍ଟିମିଟର ଲମ୍ବର ହୋଇଥାନ୍ତି, କିନ୍ତୁ ସବୁଠୁ ବଡ଼ ପ୍ରଜାତିର ମୂଷାର ନାଁ ବୋଷଭି ଉଲୀ ର୍ୟାଟ୍, ଯାହାକୁ ୨୦୦୯ ମସିହାରେ ପାପୁଆ ନ୍ୟୁ ଗିନି ଅଞ୍ଚଳରୁ ଠାବ କରାଯାଇଥିଲା। ଏହି ପ୍ରଜାତିର ମୂଷାର ଲମ୍ବ ପ୍ରାୟ ୮୨ ସେଣ୍ଟିମିଟର ଏବଂ ଏହା ବଡ଼ ବିଲେଇ ଭଳି ମନେ ହୋଇଥାଏ। ମୂଷାର ସବୁଠୁ ଛୋଟ ପ୍ରଜାତି ହେଉଛି ଓସଗୁଡ୍‌ସ ର୍ୟାଟ୍।

❖ ମୂଷାଙ୍କୁ ଯଦି ଘରେ ଯତ୍ନର ସହ ପାଳନ କରାଯାଏ ତେବେ ସେମାନେ ପ୍ରାୟ ୪ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିପାରନ୍ତି, କିନ୍ତୁ ଜଙ୍ଗଲୀ ମୂଷା ୧ ରୁ ୨ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିପାରନ୍ତି।

❖ ଭୋଜନ ବିନା ମୂଷା ୪ ଦିନରୁ ଅଧିକ ବଞ୍ଚିପାରନ୍ତି ନାହିଁ।

❖ ଏକ ବିଶେଷ ପ୍ରଜାତିର କଙ୍ଗାରୁ ମୂଷା ପାଣି ନ ପିଇ ପ୍ରାୟ ୧୦ ବର୍ଷ ଯାଏ ଜୀବିତ ରହିପାରନ୍ତି।

❖ ଅଧିକାଂଶ ମୂଷା ନିଶାଚର ହୋଇଥାନ୍ତି। ମୂଷାଙ୍କର ଗର୍ଭଧାରଣର ସମୟ ୨୧ରୁ ୨୪ ଦିନ। ତେବେ ମୂଷାଙ୍କୁ ପ୍ରସବ କରିବାର ମେଶିନ କୁହାଯାଏ। କାରଣ ଏମାନେ ଥରକେ ପ୍ରାୟ ୨୦ରୁ ଅଧିକ ସନ୍ତାନ ଜନ୍ମ କରିପାରନ୍ତି।

❖ ମୂଷାଙ୍କ ଦାନ୍ତ ଜୀବନ ସାରା ବଢ଼ି ଚାଲିଥାଏ ଏବଂ ତା'ର ଦାନ୍ତ ଏତେ ଶକ୍ତ ଯେ ଅତି ସହଜରେ ମୂଷା କାଚ, ଆଲୁମିନିୟମ୍ ଆଦିକୁ ଚୋବାଇ ଖଣ୍ଡ ଖଣ୍ଡ କରିପାରନ୍ତି।

❖ ୫୦ ଫୁଟ ତଳକୁ ପଡ଼ିଲେ ବି ମୂଷାର କୌଣସି କ୍ଷତି ହୋଇ ନ ଥାଏ। ଏମାନେ ପାଣିରେ ୩ ମିନିଟ୍ ଯାଏ ଶ୍ୱାସକ୍ରିୟା ବନ୍ଦ କରି ରହିପାରନ୍ତି।

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**

dharitrifeature@gmail.com

# ଶୃଙ୍ଖଳା

କେବଳ ପାଠପଢ଼ା ନୁହେଁ, ପିଲାମାନେ ଶୃଙ୍ଖଳା ବିଷୟରେ ଭଲ ଭାବରେ ଅବଗତ ହେବା ଜରୁରୀ। କାରଣ ଭବିଷ୍ୟତରେ ଏହା ସେମାନଙ୍କର ଜୀବନକୁ ସୁନ୍ଦର ଭାବରେ ଗଢ଼ି ତୋଳିବାରେ ସହାୟକ ହୋଇଥାଏ।





ସ୍କୁଲରେ ପିଲାଟିଏ ପାଠ ପଢ଼ିବା ସହ ଅନ୍ୟାନ୍ୟ ବିଷୟ ପ୍ରତି ଧ୍ୟାନ ଦେବା ଜରୁରୀ। ଯାହା ମଧ୍ୟରେ ଆଚାର ବ୍ୟବହାର, ଶୃଙ୍ଖଳା ଏବଂ ନିଜ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ସେଗୁଡ଼ିକ ମଧ୍ୟରୁ ଅନ୍ୟତମ। ବିଶେଷ ଭାବରେ ଶୃଙ୍ଖଳା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। କାରଣ ଏହାକୁ ଆଧାର କରି ସ୍କୁଲ ଜୀବନରେ ଛାତ୍ରୀଛାତ୍ରଙ୍କର ପରିଚୟ ସୃଷ୍ଟି ହୋଇଥାଏ। ଯଦି ଜଣେ ପିଲା ନିଜକୁ ଶୃଙ୍ଖଳିତ କରିପାରିଲା, ତେବେ ସେ ଭବିଷ୍ୟତରେ ନିଜକୁ ଜଣେ ଭଲ ମଣିଷ ଭାବରେ ପରିଚିତ କରାଇପାରିବ। ତେଣୁ ପାଠ ପଢ଼ିବା ସମୟରେ ଏ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ।

## ଦାୟିତ୍ୱ

ସ୍କୁଲରେ ପିଲାମାନେ ପାଠପଢ଼ା ପ୍ରତି ଧ୍ୟାନ ଦେଇଥାଆନ୍ତି। ହେଲେ ଏତିକିରେ ସେମାନଙ୍କର ଦାୟିତ୍ୱ ଶେଷ ହୋଇ ନ ଥାଏ। ଏଥିସହିତ ଆଉ କେତୋଟି ଦିଗ ପ୍ରତି ନଜର ଦେବା ମଧ୍ୟ ଜରୁରୀ ହୋଇପଡ଼େ। ଏଇ ଯେପରି ସାଙ୍ଗସାଥୀଙ୍କ ସହ ବ୍ୟବହାର, କଥାବାର୍ତ୍ତା ପ୍ରତି ନଜର ଦେବା, ହୋମ୍‌ୱର୍କ ଠିକ୍ ସମୟରେ ଶେଷ କରିବା, କ୍ଲାସରେ ଶିକ୍ଷକ କ'ଣ କରିବାକୁ କହୁଛନ୍ତି ସେଥିପ୍ରତି ସତର୍କ ରହିବା ଏବଂ ତାହାକୁ ତୁଲାଇବା। ଘରେ ମଧ୍ୟ ସେମାନେ ନିଜ କାମ ଆଉ ଏକ ଦାୟିତ୍ୱ ବୋଲି ଭାବିବା ଆବଶ୍ୟକ। ନିଜର ଛୋଟ କାମ ଲାଗି ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ ସେଗୁଡ଼ିକୁ ନିଜେ ସୁଚାରୁ ରୂପେ ସମ୍ପାଦନ କରିବାକୁ ଚେଷ୍ଟା କରନ୍ତୁ।

## ଭାବନାକୁ ପ୍ରକାଶ

ପିଲାଟି ପାଠ ପଢ଼ିବା ସମୟରେ ତା' ମନରେ ଅନେକ କଥା ଜାଗ୍ରତ ହୋଇଥାଏ। ଖେଳକୁଦ ହେଉ କି ଅଭିନୟ କିମ୍ବା ଅନ୍ୟ କୌଣସି ବିଷୟରେ ନିଜ ପ୍ରତିଭା ପ୍ରଦର୍ଶନ କରିବାକୁ ସେମାନେ ଚେଷ୍ଟା କରିବା ଦରକାର। ଏ ବିଷୟରେ ସେମାନେ କ'ଣ ଭାବୁଛନ୍ତି ତାହା ମାତା-ପିତାଙ୍କ ସାମ୍ନାରେ ପ୍ରକାଶ କରିବାକୁ କୁଣ୍ଠାବୋଧ କରନ୍ତୁ ନାହିଁ। ନିଜର ଭାବନାକୁ ଏକ ବୋଝ ବୋଲି ଭାବନ୍ତୁ ନାହିଁ। ଯଦି ତାହାକୁ ତୁଲାଇବାକୁ ଯୋଜନା ପ୍ରସ୍ତୁତ କରିପାରୁନାହାନ୍ତି, ତେବେ ସ୍କୁଲରେ ଶିକ୍ଷୟିତ୍ରୀ-ଶିକ୍ଷକ, ଘରେ ମା'ବାପା ଏବଂ ଗୁରୁଜନଙ୍କ ସହ ଆଲୋଚନା କରନ୍ତୁ। ମନର ଭାବନାକୁ ମନ ଭିତରେ ଲୁଚାଇ ରଖିଲେ କିଛି ଫାଇଦା ମିଳିବ ନାହିଁ।

## ସ୍ନେହ-ଶ୍ରଦ୍ଧା-ସମ୍ମାନ

ପିଲାମାନେ ସ୍କୁଲରେ ହେଉ ଅବା ଘରେ, ନିଜ ସମବୟସ୍କ କିମ୍ବା ନିଜଠୁ ଛୋଟ ପିଲାଙ୍କୁ ସ୍ନେହରେ ବାନ୍ଧି ରଖିବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ଅନ୍ୟମାନେ ତୁମକୁ ସ୍ନେହ ଦେବେ। ଅନ୍ୟମାନଙ୍କ ସହ ମଧୁର କଥା ହୁଅନ୍ତୁ। କାହା ସହ ଅଯଥା ଯୁକ୍ତିତର୍କ କରିବା ଆଦୌ ଠିକ୍ ନୁହେଁ। ଏହାସହ ସବୁବେଳେ ଗୁରୁଜନମାନଙ୍କୁ ସମ୍ମାନ ଦିଅନ୍ତୁ।

## ତୁଳନା ମନୋଭାବ

କେତେକ ପିଲା ନିଜକୁ ଅନ୍ୟମାନଙ୍କ ସହ ତୁଳନା କରିଥାଆନ୍ତି। ସେ କାହିଁକି ଭଲ ପାଠ ପଢୁଛି, ସେ କିପରି ଭଲ ଖେଳୁଛି, ଗୀତ ଗାଉଛି ଇତ୍ୟାଦି ଭାବି ସେମାନେ ଟେନ୍‌ସନର ବଶବର୍ତ୍ତୀ ହୋଇଥାଆନ୍ତି। ସବୁଠାରୁ ବଡ଼ କଥା ହେଲା, କାହା ସହ ନିଜକୁ ତୁଳନା କରନ୍ତୁ ନାହିଁ। ବରଂ ନିଜକୁ କିପରି ଜଣେ ଉତ୍ତମ ଛାତ୍ରୀଛାତ୍ର ଭାବରେ ପରିଚିତ କରାଇପାରିବେ, ସେ ନେଇ ଯୋଜନା କରନ୍ତୁ। ଅନ୍ୟ ସହ ନିଜକୁ ତୁଳନା କଲେ ବେଳେବେଳେ ମନରେ ଅହଂଭାବ ଆସିଥାଏ। ତେଣୁ ସବୁବେଳେ ଶାନ୍ତ ମନରେ ନିଜ ଜୀବନକୁ ଆଗେଇ ନିଅନ୍ତୁ। ଦେଖିବ, ସମୟ ଆସିବ, ତୁମର ବିଚାରଧାରା ଏବଂ ଅନ୍ତର୍ନିହିତ ପ୍ରତିଭା ପାଇଁ ଅନ୍ୟମାନେ ତୁମକୁ ଅନୁସରଣ କରିବେ।

## ଶୃଙ୍ଖଳାକୁ ଗୁରୁତ୍ୱଦିଏ



ପାଠ ପଢ଼ିବା ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶୃଙ୍ଖଳାବୋଧ। ମୁଁ ସବୁବେଳେ ଏହାକୁ ଅଗ୍ରାଧିକାର ଦେଇଥାଏ। କାରଣ ଜୀବନରେ ଯଦି ଶୃଙ୍ଖଳା ନ ରହିଲା, ତେବେ ସବୁକିଛି ଅଧୁରା ରହିଯାଇଥାଏ। ତେଣୁ ମୁଁ ସବୁବେଳେ ଶୃଙ୍ଖଳିତ ହେବାକୁ ଚେଷ୍ଟା କରେ। ପାଠ ପଢ଼ିବା ହେଉ କି ଦୈନନ୍ଦିନ ଜୀବନ-ଏସବୁକୁ ମୁଁ ଯୋଜନାବଦ୍ଧ ଭାବରେ ତୁଲାଏ। କ୍ଲାସରେ ସମସ୍ତଙ୍କ ସହ ଭଲ ସମ୍ପର୍କ ରଖିଥାଏ। ଅନ୍ୟମାନଙ୍କର କ'ଣ ଭଲ ଗୁଣ ରହିଛି ତାହାକୁ ତର୍ଜମା କରି ଅନୁସରଣ କରିବାକୁ ଚେଷ୍ଟା କରେ।

**-ସତ୍ୟଜିତ ସାହୁ,** କ୍ଲାସ-୯, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଲିଆପଟା, ଭୁବନେଶ୍ୱର

## ଶୃଙ୍ଖଳିତ ଜୀବନ ଅନୁସରଣ କରିଥାଏ

ଜଣେ ଛାତ୍ରୀଛାତ୍ରର ଜୀବନରେ ଯଦି ଶୃଙ୍ଖଳା ନ ରହିଲା, ତେବେ କିଛି ଲାଭ ନାହିଁ। କାରଣ ଶୃଙ୍ଖଳା ଏଭଳି ଏକ ଜିନିଷ, ଯାହା ସହ ଅନେକ କଥାର ସଂଯୋଗ ରହିଛି। ଶୃଙ୍ଖଳିତ ଜୀବନକୁ ଅନ୍ୟମାନେ ସବୁବେଳେ ପ୍ରଶଂସା କରିଥାଆନ୍ତି। ପାଠ ପଢ଼ିବା ସମୟରେ ଆମେ ଏଥିପ୍ରତି ସଚେତନ ରହିବା ନିହାତି ଦରକାର। ତେଣୁ ମୁଁ ସବୁବେଳେ ଏକ ଶୃଙ୍ଖଳିତ ଜୀବନ ଅନୁସରଣ କରିଥାଏ। ମୋତେ ଯଦି କେହି କେବେ କଟୁ କଥା କହେ, ତେବେ ହଠାତ୍ ପ୍ରତିକ୍ରିୟାଶୀଳ ହୁଏନାହିଁ। ଅନ୍ୟମାନେ କିପରି ମୋତେ ସ୍ନେହ କରିବେ, ମୋ ଗୁଣକୁ ପ୍ରଶଂସା କରିବେ, ସେଥିପ୍ରତି ସବୁବେଳେ ନଜର ଦେଇଥାଏ।



**-ଅଂଶୁମାନ ପ୍ରଧାନ,** କ୍ଲାସ-୭, କ୍ରିଷ୍ଟାମୁର୍ତ୍ତୀ ୱାର୍ଲ୍ଡସ୍କୁଲ୍, ପ୍ରତାପନଗରୀ, ଜରିପଡା, କଟକ





୧



୨



୩




୭



୪



୫



୬



୮

୧


**କାଦମ୍ବି ତନୟା ବିଶ୍ୱାଳ**
କ୍ଲାସ୍- ୮, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମହାନଦୀ ବିହାର, କଟକ

୨


**ଶ୍ରୀଜିତା ମିଶ୍ର**
କ୍ଲାସ୍-୯, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର

୩


**ତନିଶା ଓଝା**
କ୍ଲାସ୍-୩, ଡିଏଭି ସ୍କୁଲ, ଝାରସୁଗୁଡ଼ା

୪


**ମହାଶ୍ୱେତା ସାହୁ**
କ୍ଲାସ୍- ୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦଶମାଇଲ, ବରଗଡ଼



**ପ୍ରୀତିଶୁଭ୍ରା ମିଶ୍ର**
କ୍ଲାସ୍- ୩, ଓଡିଏମ୍ ପବ୍ଲିକ ସ୍କୁଲ, ପଟିଆ, ଭୁବନେଶ୍ୱର
୫

୬


**ସାଇ ଅରୋସ୍ମିତ୍ ବିଶ୍ୱାଳ**
କ୍ଲାସ୍- ୬, ଆର୍ଯ୍ୟଭଟ୍ଟ ଆସ୍ପିଏଣ୍ଟ ଏକାଡେମୀ, ଖୋର୍ଦ୍ଧା

୭


**ପତିତପାବନ ନାୟକ**
କ୍ଲାସ୍- ୯, ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର

୮


**ସୁଭଦ୍ରା ମହାରଣା**
କ୍ଲାସ୍- ୨, ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ, ବିଜେବି ନଗର, ଭୁବନେଶ୍ୱର



## କବିତା

### ରାଖୀ

**ଅ**ଭିମାନିନୀ ରାଜନନ୍ଦିନୀ
ଗେହ୍ଲି ଭଉଣୀ ମୋର
ଆସିଲେ ରାଖୀ ହୁଏ ସେ ଖୁସି
କିଣେ ରେଶମୀ ଡୋର
ଦୁବ ଚାଉଳ ଫୁଲ ମିଠାରେ
ସଜାଇ ସୁନା ଥାଳି
ଭାଇ ହାତରେ ବାନ୍ଧଇ ରାଖୀ
ଶୁଭ ଦୀପାଳି ଜାଳି ।
ମନରେ ଭରି ସ୍ନେହ ସରାଗ
କଥାରେ କିଣି ନିଏ
ରାଖୀ ନୁହେଁ ଏ ଭାଇ ଭଉଣୀ
ପ୍ରେମ କାହାଣୀଟିଏ ।
ଈଶ୍ୱର ଗଢ଼ା ଦୁଇଟି ଫୁଲ
ଗୋଟିଏ ଗଛ ଡାଳେ
ଶ୍ରାବଣ ମେଘ ଶୁଭ ମନାସେ
ଇନ୍ଦୁ ଯୋଛନା ଢାଳେ ।

**– ବ୍ରହ୍ମମୟୀ ମିଶ୍ର**
ଜଗତ୍‌ସିଂହପୁର
ମୋ: ୯୪୩୭୮୫୩୭୩୭

### ରକ୍ଷାବନ୍ଧନ

**ଶ୍ରା**ବଣ ପୂର୍ଣ୍ଣିମା ଆସୁଛି
ଭଉଣୀଙ୍କ ମନ ଥୟ ନାହିଁ ଆଉ
ରାଖୀ ଆଣି ଦିନ ଗଣୁଛି ।
ସେହି ଶୁଭ ଦିନ ଆସିବ
ଭାଇକୁ ବନ୍ଦାଇ ମିଠା ଖୋଇ ଦେବ
ସ୍ନେହେ ହାତେ ରାଖୀ ବାନ୍ଧିବ ।
ରାଖୀ ବନ୍ଧା ନୁହେଁ ଖେଳଟି
ଉପହାର ପାଇଁ ଲାଳସା ନୁହେଁଇ
ରାଖୀ ଯୋଡେ ମନ ମନଟି ।
ଭାଇ ମନେ କରେ ଶପଥ
ଭଉଣୀର ମାନ ସଦା ରଖିଥିବ
ଭୁଲିବନି ତା'ର ସ୍ନେହ ତ ।

**– ଚକ୍ରଧର ସାହୁ**
ଓମ୍ ବିହାର, ଧାଙ୍ଗଡ଼ପଡ଼ା,
ଅଟୋପୁର, କେନ୍ଦୁଝର

### ପବିତ୍ରବନ୍ଧନ

**ଭା**ଇ ଭଉଣୀର ସ୍ନେହ ଶରଧାର
ଚିରନ୍ତନ ନିଦର୍ଶନ ।
ଗହ୍ମା ପୂର୍ଣ୍ଣିମାରେ ବଳଭଦ୍ର ଜନ୍ମ
ଶିଶୁଏ ମନେରଖିବ ।
ସରାଗେ ଗେହ୍ଲି ଭଉଣୀ
ଭାଇ ହାତେ ରାଖୀ ବାନ୍ଧିବା ପାଇଁକି
ବଜାରୁ ଆଣିଛି କିଣି ।
କହିବି ଭାଇକୁ ମୋର
ଜୀବନରେ ଆସୁ ଯେତେ ବାଧାବିଘ୍ନ
କରିବୁନି କେବେ ପର ।
ଗୁହାରି ପ୍ରଭୁ ପୟରେ
ମୋ ଭାଇକୁ ସାହା ହେବ ହେ ଠାକୁରେ
ସଦା ସୁଖରେ ଦୁଃଖରେ ।

**– ଡ. ଶରତ କୁମାର ଚଉଁରୀ**
ଟିଚର୍ସ କଲୋନି, ପିପିଲି, ପୁରୀ
ମୋ :୯୪୩୭୫୫୧୨୦୩

### ସମ୍ପର୍କର ଡୋର



**ସୂ**ତାଟିଏ ନୁହେଁ ସେ ତ ସମ୍ପର୍କର ଡୋର
ବିଶ୍ୱାସର ଡୋରିଟିଏ ଭାଇ ହାତେ ଭଉଣୀର ।
ସୁରକ୍ଷା କବଚଟିଏ ଭରସାର ପ୍ରତୀକ
ନିଃସ୍ୱାର୍ଥ ପ୍ରେମରେ ବାନ୍ଧେ ଜୀବନଟା ଯାକ ।
ପବିତ୍ର ସନ୍ତକ ସେ ତ ସମ୍ପର୍କର ସାକ୍ଷୀ
ଶ୍ରଦ୍ଧା, ବିଶ୍ୱାସର ମୂକସାକ୍ଷୀ ଅଟେ ରାଖୀ ।

**– ରମାକାନ୍ତ ଦାସ**
ନନ୍ଦିଗ୍ରାମ, ନାଉଗାଁ, ଜଗତ୍‌ସିଂହପୁର
ମୋ: ୯୬୬୮୮୧୫୩୬୯

### ରାଖୀ ପୂନେଇଁ

**ଖୁ**ସି ନେଇ ରାଖୀ ପୂନେଇଁ
ବରଷକେ ଥରେ ଆସେ ଏ ପରବ
ଓଡ଼ିଆ ଜାତିର ସଂସ୍କୃତି, ଗରବ
ଗେହ୍ଲା ଭାଇ ହାତେ ରାଖୀ ବାନ୍ଧିବାକୁ
ଭଉଣୀ ଥାଏଟି ଅନେଇ ।
ଦିନଟି ଭଉଣୀ ପାଇଁଟି
ରକ୍ଷାସୂତ୍ର ଭାଇ ହାତରେ ବାନ୍ଧିବ
ସୁଖରେ ହସିବ, ଦୁଃଖରେ କାନ୍ଦିବ
ଭାଇ ତା' ଜୀବନେ ସୁରକ୍ଷା ଦେବାକୁ
ରହିଥିବ ହେଇ ଛାଇଟି ।

**– ପ୍ରଫୁଲ୍ଲ ଚନ୍ଦ୍ର ବାରିକ**
ବେଦବ୍ୟାସ, ରାଉରକେଲା
ମୋ: ୯୦୯୦୩୩୦୮୫୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# କମ୍ ବୟସର ଲିମ୍ବୋ ସ୍କେଟର

**କ**ଥାରେ ଅଛି, ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ । ଏହା ପ୍ରମାଣିତ ହୋଇଛି ସୃଷ୍ଟିଙ୍କ କ୍ଷେତ୍ରରେ । ମାତ୍ର ସାଢ଼େ ତିନି ବର୍ଷ ବୟସରୁ ସ୍କେଟିଂ ଆରମ୍ଭ କରି ଏବେ ୭ ଥର ଗିନିଜ୍ ରେକର୍ଡରେ ନିଜ ନାମ ଲେଖାଇ ସାରିଲେଣି । ପ୍ରତିଥର ନିଜ ରେକର୍ଡକୁ ଭାଙ୍ଗି ସେ ନୂଆ ରେକର୍ଡ କରି ଚାଲିଛନ୍ତି । ନାଗପୁରର ବେଗାଁଓ ଅଞ୍ଚଳରେ ରୁହନ୍ତି ସୃଷ୍ଟି ଧର୍ମେନ୍ଦ୍ର ଶର୍ମା । ଯେଉଁ ବୟସରେ ପିଲାମାନେ ଭଲଭାବରେ ଚାଲିବା ଶିଖି ନ ଥିଲେ ସେତେବେଳରୁ ସେ ଆରମ୍ଭ କରିଥିଲେ ସ୍କେଟିଂ । ଅଭ୍ୟାସ ବଳରେ ଏବେ ସେ ବିଶ୍ୱର ସବୁଠୁ କମ୍ ବୟସର ଲିମ୍ବୋ ସ୍କେଟର । ସୃଷ୍ଟି ପ୍ରଥମେ ୫ ବର୍ଷରୁ ସ୍କେଟିଂ ଚାମ୍ପିୟନଶିପ୍‌ରେ ଭାଗ ନେଇଥିଲେ ଓ ୮ ବର୍ଷ ବୟସରେ ପ୍ରଥମେ ଲିମ୍ବୋ ସ୍କେଟିଂ ଆରମ୍ଭ କରିଥିଲେ । କଠିନ ପରିଶ୍ରମ ସହିତ ଯୋଗ ଅଭ୍ୟାସ କରି ସେ ଏଥିରେ ସଫଳତା ପାଇଥିଲେ । ୨୦୧୩ ମସିହାରେ ସେ ପ୍ରଥମେ ଲିମ୍ବୋ ସ୍କେଟିଂରେ ଗିନିଜ୍ ରେକର୍ଡ କରିଥିଲେ । ଏହାପରେ ନିଜ ରେକର୍ଡ ନିଜେ ଭାଙ୍ଗି ୨୦୧୫ରେ ୧୭ ସେଣ୍ଟିମିଟର ଉଚ୍ଚତାରେ ୨୫ ମିଟରରୁ ଅଧିକ ଦୂରତା ଅତିକ୍ରମ କରିଥିଲେ । ଏକ ମିଟର ଦୂରତାରେ ଥିବା ୧୦ଟି ଖୁଣ୍ଟକୁ ସେ ପ୍ରଥମେ ୨.୦୬୨ ସେକେଣ୍ଡ ପରେ ୧.୭୫୫ ସେକେଣ୍ଡ, ୧.୭୪୭ ସେକେଣ୍ଡ ଓ ୧.୭୨୦ ସେକେଣ୍ଡରେ ପୂରା କରି ପାରିଥିଲେ । ଆଇସ ସ୍କେଟିଂରେ ମଧ୍ୟ ସେ ସବୁଠୁ କମ୍ ବୟସର ସ୍କେଟର । ଏବେ ୧୯ ବର୍ଷ ବୟସରେ ସୃଷ୍ଟି ୭ ଥର ବିଶ୍ୱ ରେକର୍ଡ କରି ସାରିଲେଣି ଓ ଏହି କ୍ଷେତ୍ରରେ ନୂଆ ଚ୍ୟାଲେଞ୍ଜ ନେବା ପାଇଁ ଅଭ୍ୟାସ ଚଳାଇଛନ୍ତି ।



# ଏଥରର



- ଆଫ୍ରିକାର କେଉଁ ସ୍ଥାନ ଚକୋଲେଟ୍ ନିମନ୍ତେ ପ୍ରସିଦ୍ଧ ?
- ପବନର ବେଗ ମାପିବା ପାଇଁ କେଉଁ ଯନ୍ତ୍ର ବ୍ୟବହାର କରାଯାଏ ?
- ମଣିଷ ଶରୀରରେ ସବୁଠୁ ଛୋଟ ହାଡ଼ କେଉଁଠି ଥାଏ ?
- ବିଦ୍ୟୁତ ବଲ୍‌ବର ଉଦ୍ଭାବକ କିଏ ?
- କାହା ସ୍ମୃତିରେ ନୋବେଲ୍ ପ୍ରାଇଜ୍ ପ୍ରଦାନ କରାଯାଏ ?

## ଗତଥରର ଉତ୍ତର

- ମାର୍କୋନି
- ତିବ୍ବତ
- ୪
- ଅଷ୍ଟ୍ରେଲିଆ
- ଆଲେକ୍‌ଜାଣ୍ଡର ଗ୍ରାହମ ବେଲ୍

## କହିଲ ଦେଖି



ଏମିତି ଏକ ପରବ ସେହି
ପାଳୁଥାନ୍ତି ତାକୁ ଭଉଣୀଭାଇ
ଭଉଣୀ ବାନ୍ଧଇ ମମତା ଡୋରି
ରକ୍ଷାକବଚର ନାମକୁ ଧରି
ପବିତ୍ର ସମ୍ପର୍କର ପର୍ବଟେ ଏହି
ତା' ନାମ କିଏ ସେ ପାରିବ କହି ?

**ଉ– ରାଖୀ ପୂର୍ଣ୍ଣିମା**



ସବୁଠୁଁ ପବିତ୍ର ସମ୍ପର୍କଟିଏ
ମମତା ଡୋରିରେ ବନ୍ଧା ସେ ହୁଏ
ଆସିଯାଏ ଯେବେ ଗହ୍ମା ପୂନେଇଁ
ରାଖୀ ବାନ୍ଧେ ଭଉଣୀ ତା' ହାତେ ନେଇ
ଭଉଣୀକୁ ଯିଏ ସୁରକ୍ଷା ଦିଏ
ନାମଟି ତାହାର କହିବ କିଏ ?

**ଉ– ଭାଇ**



ଭାଇର କଷ୍ଟରେ ଯନ୍ତ୍ରଣା ପାଏ
ସ୍ନେହ ମମତାର ଗହଣା ପିନ୍ଧି
ସମ୍ପର୍କ ଡୋରିରେ ରଖଇ ବାନ୍ଧି
ଆସିଯାଏ ଯେବେ ରାଖୀ ପୂନେଇଁ
ରାଖୀ ବାନ୍ଧିଥାଏ ହାତରେ ସେହି ?

**ଉ– ଭଉଣୀ**



ଭଉଣୀ ଭାଇର ହାତରେ ବାନ୍ଧେ
ଅତି ଆନନ୍ଦରେ ଭାଇଟି ପିନ୍ଧେ
ବରଷକେ ଥରେ ବାନ୍ଧେ ଭଉଣୀ
ଭାଇ ତା' ପାଖରେ ହୁଅଇ ଋଣୀ
ପବିତ୍ର ବନ୍ଧନ ସୂତାରୁ ଖିଏ
ନାମଟି ତାହାର କହିବ କିଏ ?

**ଉ– ରାଖୀ**


**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର,ଉତ୍ତରକୂଳ ହାଟ, ଯାଜପୁର
ମୋ: ୮୩୧୦୦୩୨୮୩୪୫

ପୃଥିବୀରେ ଅନେକ ପ୍ରକାର ପ୍ରାଣୀ ଦେଖାଯାଆନ୍ତି । ସେମାନଙ୍କର ଜୀବନଶୈଳୀ ମଧ୍ୟ ଭିନ୍ନ ଭିନ୍ନ। ଜନ୍ମ ମାତ୍ରକେ ମୃତ୍ୟୁ ନିଶ୍ଚିତ- ଏକଥା ଆମେ ଜାଣିଛେ। ହେଲେ ଏଭଳି କେତେକ ଜୀବଜନ୍ତୁ ଅଛନ୍ତି, ଯେଉଁମାନେ ଛୁଆଟିଏ ଜନ୍ମ କରିବା ସାଙ୍ଗେ ସାଙ୍ଗେ ମୃତ୍ୟୁବରଣ କରିଥାଆନ୍ତି। ସେଭଳି କେତେକ ପ୍ରାଣୀ ସମ୍ପର୍କରେ ସୂଚନା...



**ସାଲମନ୍ ଫିସ୍ :** ଅଣ୍ଡା ଦେବାର କିଛି ସପ୍ତାହ ମଧ୍ୟରେ ସମ୍ପୃକ୍ତ ସାଲମନ୍ ଫିସ୍‌ର ମୃତ୍ୟୁ ଘଟିଥାଏ ।

# ଅଜବ ପ୍ରାଣୀ




## ପ୍ରେଇଙ୍ଗ ମେଣ୍ଟିସ୍

ଏମାନଙ୍କର ମୁଣ୍ଡ ତ୍ରିଭୁଜ ଆକାରର ।ଏମାନେ ନିଜ ମୁଣ୍ଡକୁ ଉଭୟ ଦିଗକୁ ବେଶ୍ ସହଜରେ ବୁଲାଇ ପାରନ୍ତି। ଆଉ ଏଥିସହିତ ସବୁ ଜିନିଷକୁ ଭଲଭାବେ ଦେଖିପାରନ୍ତି। ଏହା ଏପରି ଏକ ପ୍ରାଣୀ, ଯିଏକି ଅଣ୍ଡା ଦେଲା ପରେ ମରିଯାଇଥାଏ ।



## ଅକ୍ଟୋପସ୍

ଜୀବନକାଳ ମଧ୍ୟରେ ଅକ୍ଟୋପସ୍ ମାତ୍ର ଥରେ ମା' ହୋଇଥାଏ। କାରଣ ସେ ଦେଇଥିବା ଅଣ୍ଡାଟିଏ ଫୁଟିଲା ପରେ ମା' ଅକ୍ଟୋପସ୍‌ର ମୃତ୍ୟୁ ଘଟିଥାଏ।



## କଙ୍କଡ଼ାବିଛା

ପ୍ରାୟ ୯୦ ପ୍ରଜାତିର କଙ୍କଡାବିଛା ଦେଖିବାକୁ ମିଳନ୍ତି । ଏମାନେ ଯଦି ଦଂଶିଦଅନ୍ତି, ତେବେ ସେହି ଯନ୍ତ୍ରଣା ସହିବା କଷ୍ଟକର ହୋଇଯାଏ । ହେଲେ ଏକ ପ୍ରଜାତିର ମାଈ କଙ୍କଡ଼ାବିଛାର ଜୀବନ ଭିନ୍ନ ଧରଣର । ସେ ଛୁଆଟିଏ ଜନ୍ମ କରିବା ପରେ ପରେ ହିଁ ମରି ଯାଇଥାଏ ।

**ବୁଢ଼ିଆଣୀ:** ପିଲାଏ, ତୁମେମାନେ ତ ବୁଢ଼ିଆଣୀ ସୂତା ଦେଖିଥିବ । କଥାରେ ଅଛି-ବୁଢ଼ିଆଣୀ ସୂତା ଭାରି ଅଡୁଆ । ସେହି ସୂତା ସିନା ଦେଖିବାକୁ ସୁନ୍ଦର, ହେଲେ ତାହାକୁ ସେ କିପରି ବୁଣିଥାଏ ତାହା ବେଶ୍ କୌତୂହଳପୂର୍ଣ୍ଣ । ହେଲେ ବୁଢ଼ିଆଣୀ ପିଲାଟିଏ ଜନ୍ମ ଦେବା ପରେ ପରେ ମୃତ୍ୟୁ ମୁଖରେ ପଡ଼ିଥାଏ ।



## ବକ୍ସ ଜେଲିଫିସ୍

ଏହି ପ୍ରଜାତିର ଜେଲିଫିସ୍‌କୁ ବିଚିତ୍ର ପ୍ରାଣୀ ଭାବରେ ଗ୍ରହଣ କରାଯାଇଛି । କାରଣ ଛୁଆଟିଏ ଜନ୍ମ କରିବା ପରେ ମା' ଜେଲିଫିସ୍‌ର ମୃତ୍ୟୁ ଘଟିଥାଏ ।

# ଆ ଇ ନା





ଆଦ୍ୟାଶା ନାୟକ
୪ ବର୍ଷ, କୋଣାର୍କ

ତନୁଶ୍ରୀ ସାହୁ
୪ ବର୍ଷ, କଳାହାଣ୍ଡି

